# ପିଲାଙ୍କ ଧରିତ୍ରୀ

ଶନିବାର, ୧୧ ମେ, ୨୦୧୯



୩ ଜଣା -ଅଜଣା



୭ ଗପ

୪ କବିତା



୮ ଆଇନା



## ମା'ପୁଅ ମଧ୍ୟରେ କଥାବାର୍ତ୍ତା

ମା': ଆରେ ଗୋଲୁ, ତୁ ଖାଇ ସାରିବା ପରେ ଦୁଇଟା ଚାମଚ ଧରି କାଇଁ ବୁଲୁଛୁ ?

ପୁଅ: ମା' ଡାକ୍ତରବାବୁ ତାଙ୍କ ପ୍ରେସକ୍ରିପସନ୍‌ରେ ଲେଖି ଛନ୍ତି ଖାଇସାରିବା ପରେ ଦୁଇ ଚାମଚ ନେବ।

## ଡଲି ଓ ମୋନା ମଧ୍ୟରେ କଥାବାର୍ତ୍ତା

ଡଲି : ମଇଁଷି କାଇଁ ତା' ଲାଞ୍ଜ ହଲାଏ ଜାଣିଛୁ ?

ମୋନା : (ବହୁତ ଭାବିବା ପରେ )ନା , ଜାଣିନି ତୁ ହିଁ କହ ?

ଡଲି: କାହିଁକି ନା,ମଇଁଷି ଲାଞ୍ଜରେ ଏତେ ବଳ ନାହିଁ ଯେ ସେ ମଇଁଷି ହଲାଇ ଦେବ।



ଶିକ୍ଷକ:ପିଲାମାନେ,ତୁମକୁ ମୁଁ ଗଧ ଉପରେ ରଚନା ଲେଖିବାକୁ କହିଥିଲି ତୁମେ ଲେଖି ଆଣିଛ ?


ରାଜୁ: ସାର୍,ନା

ଶିକ୍ଷକ: କାଇଁ ଲେଖିକି ଆଣିନ ରାଜୁ ?

ରାଜୁ:ସାର୍,ମୁଁ ଗଧ ଉପରେ ପେନସିଲ ନେଇ ଆଙ୍କିବା ଆରମ୍ଭ କଲା ବେଳକୁ ସେ ମୋତେ ଟେକି ଫୋପାଡି ଦେଲା।

### ଖିଲି ଖିଲି ହସ

## ବିନ୍ଦୁ ଯୋଡ଼



# ମା' ସର୍ବଦା ବନ୍ଦନୀୟା



ଗପ

ପ୍ରାତଃ ସମୟ। ଥରେ ଆକବର ଓ ବୀରବଲ୍ ଭ୍ରମଣରେ ବାହାରି ପଡିଲେ। ଅନେକ ବାଟ ଯିବା ପରେ ସେମାନେ ଗୋଟିଏ ଗାଁରେ ପହଞ୍ଚିଗଲେ। ସେହି ଗାଁରେ ପ୍ରତ୍ୟେକ ଘର ଆଗରେ ତୁଳସୀଗଛ ପୂଜା ପାଉଥାଏ, ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ଭକ୍ତିରେ ନିଜକୁ ନିମଜ୍ଜିତ କରି ରଖିଥିଲେ। ବୀର୍‌ବଲ୍ ତୁଳସୀଗଛ ଆଗକୁ ଯାଇ ପ୍ରଣାମ କଲେ। ଆକବର ଲକ୍ଷ୍ୟ କଲେ ଯେ, ଯେତୋଟି ତୁଳସୀ ଗଛ ବୀରବଲ୍ ଦେଖୁଛନ୍ତି ସେତେ ଥର ପ୍ରଣାମ କରୁଛନ୍ତି। ଆକବର ଏହା ଦେଖି ସହିପାରିଲେ ନାହିଁ। ବୀରବଲ୍ ଯେତେବେଳେ ତୁଳସୀଗଛକୁ ଦେଖି ମୁଣ୍ଡିଆ ମାରିଲେ ଆକବର ହଠାତ୍ ପ୍ରଶ୍ନ କଲେ ' ଗଛଟିକୁ କାହିଁକି ପ୍ରଣାମ କଲ ?' ବୀରବଲ୍ ଉତ୍ତର ଦେଲେ, ତୁଳସୀ ଗଛ ଆମର ମା'। ତେଣୁ ମୁଁ ପୁତ୍ର ଭାବେ ପ୍ରଣାମ କରୁଛି। ଆକବରଙ୍କ ମନରେ ଭାବାନ୍ତର ଆସିଲା। ସେ ହଠାତ୍ ଯାଇ ତୁଳସୀଗଛର ପତ୍ର ଛିଣ୍ଡାଇ ଦେଲେ ଏବଂ ଗଛଟିକୁ ଭାଙ୍ଗି ପୋଡିଦେଲେ। ଆକବରଙ୍କ କାର୍ଯ୍ୟକଳାପ ଦେଖି ବୀରବଲ୍ ମର୍ମାହତ ହେଲେ, ମାତ୍ର ଚୁପ୍ ରହିଲେ।

ବୀରବଲ୍ ଓ ଆକବର ଆଗକୁ ଆଗକୁ ମାଡି ଚାଲିଲେ। ମଧ୍ୟାହ୍ନ ସମୟ ଆଗତ ପ୍ରାୟ। ବୀରବଲ୍ ଜାଣିଶୁଣି ଗୋଟିଏ ବୁଦା ମୂଳେ ଥିବା ବିଛୁଆତି ଗଛକୁ ପ୍ରଣାମ କଲେ। ଫଳରେ ଆକବର ପୁନଶ୍ଚ ଗଛଟିର ପତ୍ର ଛିଡାଇଲେ, ଡାଳଗୁଡିକୁ ଭାଙ୍ଗିଦେଲେ। କିଛି ସମୟ ପରେ ରାଜାଙ୍କର ହାତ କୁଣ୍ଡାଇ ହେବା ଆରମ୍ଭ ହେଲା। ସେ ହାତ ଦ୍ୱାରା ଶରୀରର ଯେଉଁ ସ୍ଥାନ ସ୍ପର୍ଶ କଲେ ସେଠାରେ ମଧ କୁଣ୍ଡାଇ ହେଲା। ଏହା ଦେଖି ବୀରବଲ୍ ଉଚିତ୍ ଶିକ୍ଷା ରାଜାଙ୍କୁ ଦେଲେ ଭାବି ଆନନ୍ଦିତ ହେଲେ ମାତ୍ର ମୁଖରେ ପ୍ରକାଶ କଲେ ନାହିଁ। ରାଜା ପୁଣି ପ୍ରଶ୍ନ କଲେ ଏହି ଗଛଯୋଗୁ କାହିଁକି ଏପରି ଅବସ୍ଥା ହେଲା ? ବୀରବଲ ଉତ୍ତର ଦେଇ କହିଲେ ମଣିମା, ତୁଳସୀ ଗଛ ମୋର ମା' ଥିଲା। ତେଣୁ ସେ ସର୍ବଂସହା ସାଜିଲା। ମାତ୍ର ଏହି ଗଛଟି ବିଛୁଆତି, ସେ ମୋର ପିତା। ଆପଣ ମୋର ମା'ଙ୍କ ଦୟନୀୟ ଅବସ୍ଥା କଲେ। ତେଣୁ ପିତା କ୍ରୋଧ ପରବଶ ହୋଇ ଏପରି ଅବସ୍ଥା କଲେ। ଫଳରେ ଆପଣଙ୍କ ଦେହ ସାରା କୁଣ୍ଡାଇ ହେଲାଣି। ଆକବରଙ୍କ ଅବସ୍ଥା ଖରାପ। ତେଣୁ ଉପଶମ ପାଇବାକୁ ସେ ବୀରବଲ୍‌ଙ୍କୁ ଉପାୟ ପଚାରିଲେ। ବୀରବଲ୍ କହିଲେ କିଛି ଦୂରରେ ମୋର ଆଉ ଜଣେ ମାତା ଅଛନ୍ତି, ଚାଲନ୍ତୁ ତାଙ୍କ ପାଖକୁ ଯିବା। ଦୁହେଁ ଚାଲି ଚାଲି ଗୋମାତା ପାଖରେ ପହଞ୍ଚିଲେ। ବୀରବଲଙ୍କ ନିର୍ଦ୍ଦେଶ ଅନୁସାରେ ଆକବର ଗାଈକୁ ଖାଇବାକୁ ଦେଲେ ଓ ଗାଈ ଗୋବର ପ୍ରଦାନ କଲା। ଗୋବର ଲେପ ଦେବାରୁ ଆକବରଙ୍କ ଯନ୍ତ୍ରଣା ଲାଘବ ହେଲା। ଦେହସାରା ଗୋବର ଛିଟା ପଡିଥାଏ। ସେହି ଅବସ୍ଥାରେ ଆକବର ଭ୍ରମଣ କଲେ କି ରାଜପ୍ରାସାଦ ଗଲେ ସମସ୍ତେ ହସିବେ। ତେଣୁ ସେ ବୀରବଲଙ୍କୁ ପୁଣି ଗୋଟିଏ ଉପାୟ ବାହାର କରିବାକୁ କହିଲେ। ବୀରବଲ ପୁଣି ନିଜର ବୁଦ୍ଧି ପ୍ରୟୋଗ କରି କହିଲେ, ମୋର ମା'ମାନେ ଥାଉ ଥାଉ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଚାଲନ୍ତୁ ଆଗରେ ଗଙ୍ଗାମାତା ପ୍ରବାହିତ। ସେଠାକାର ଜଳରେ ସ୍ନାନ କରି ଆମେ ରାଜପ୍ରାସାଦକୁ ଯିବା। ସେହିପରି ହିଁ ହେଲା। ଆକବର ପ୍ରଥମରୁ ତୁଳସୀ ଗଛ ପ୍ରତି କରିଥିବା ଅମାନବୀୟ ଘଟଣାକୁ ମନେ ପକାଇ ପଶ୍ଚାତାପ କଲେ ଓ ମା' ପ୍ରତି କେବେ ମଧ୍ୟ ହାନି ନ ପହଞ୍ଚାଇବାକୁ ବଜ୍ର ଶପଥ ନେଲେ। ତେଣୁ ମା' ସର୍ବଦା ବନ୍ଦନୀୟା।

– **ସ୍ମିତା ନାୟକ,** ଭଞ୍ଜନଗର, ଗଞ୍ଜାମ




ଚଗଲା ଭୀମୁ

## ମତାମତ

➢ ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ପଛରେ ପଡିଲା ଘଣ୍ଟା' ଗପଟି ବେଶ୍ ଶିକ୍ଷଣୀୟ ହୋଇଛି। ବାସ୍ତବରେ ଠିକ୍ ସମୟରେ ଠିକ୍ କାମ କଲେ କୌଣସି ଅସୁବିଧା ହୁଏ ନାହିଁ।

– ଦେବେଶ ମହାନ୍ତି, ନିମାପଡ଼ା, ପୁରୀ

➢ ଗ୍ରୀଷ୍ମଋତୁ ସମ୍ପର୍କିତ ଦୁଇଟି କବିତା ବେଶ୍ ମନଛୁଆଁ ହୋଇଥିଲା। ହସକଥା ଏବଂ ଚଗଲା ଭୀମୁ ପଢି ଖୁବ୍ ହସିଲି।

– ବିନାୟକ ମହାପାତ୍ର, ଭଞ୍ଜନଗର, ଗଞ୍ଜାମ

➢ 'ୱେଷ୍ଟ୍ ଟୁ ୱଣ୍ଡର ପାର୍କ' ବିଷୟରେ ପଢି ଖୁସିଲାଗିଲା। ଆମ ଦେଶରେ ଏଭଳି ଏକ ସପ୍ତାଶ୍ଚର୍ଯ୍ୟ ପାର୍କ ନିର୍ମାଣ ହେବା ଏକ ଗୌରବ ବିଷୟ।

– ଲିପିକା, ଦୀପିକା, ଟାଙ୍ଗୀ, ଖୋର୍ଦ୍ଧା

➢ ଆସ ଖୋଜିବା ଏବଂ କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗୁଛି।

– ନମିତା ପରିଡା, ସମ୍ବଲପୁର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com


ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଜୁନାଗଡ଼ ଇଂଲିଶ ସ୍କୁଲ




**ସଂକ୍ଷେପରେ...**

ସ୍ଥାପିତ: ୧୯୯୯
ଶ୍ରେଣୀ: ନର୍ସରୀରୁ ଦଶମ
ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ସଂଖ୍ୟା: ୪୪
ଶିକ୍ଷା ମାଧ୍ୟମ: ଇଂରାଜୀ
ଛାତ୍ରୀଛାତ୍ର ସଂଖ୍ୟା: ୮୫୨




ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପିଲାଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ

ଏହି ଶିକ୍ଷାନୁଷ୍ଠାନ ଜାତି, ଧର୍ମ ଏବଂ ବର୍ଣ୍ଣ ନିର୍ବିଶେଷରେ ସମାଜର ସମସ୍ତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଏଠାରେ ଶୈକ୍ଷିକ ଦିଗ ପ୍ରତି ଧ୍ୟାନ ଦେବା ସହ ଶାରୀରିକ ଓ ମାନସିକ ସ୍ତରରେ ଛାତ୍ରୀଛାତ୍ରଙ୍କ ବିକାଶ ପ୍ରତି ଧ୍ୟାନ ଦିଆଯାଇଥାଏ। ସ୍କୁଲ ପରିସରରେ ସ୍ୱାଧୀନତା ଦିବସ,ସାଧାରଣତନ୍ତ୍ର ଦିବସ, ଗାନ୍ଧୀ ଜୟନ୍ତୀ, ଗୁରୁ ଦିବସ, ନେତାଜୀ ଜୟନ୍ତୀ ଆଦି ମହାସମାରୋହରେ ପାଳନ କରାଯାଏ ବୋଲି କହନ୍ତି ଅଧ୍ୟକ୍ଷ ସୁଧାଂଶୁ ଶେଖର ପାତ୍ର। ସର୍ବଭାରତୀୟ ସ୍ତରରେ ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନର ୬୫ ପ୍ରତିଶତ ଛାତ୍ରୀଛାତ୍ର ପ୍ରତିବର୍ଷ ଅଂଶଗ୍ରହଣ କରି ସଫଳତା ଅର୍ଜନ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ ଅଲିମ୍ପିଆଡ୍‌ରେ ମଧ୍ୟ ପ୍ରତିବର୍ଷ ୪୫ ପ୍ରତିଶତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ଏହା ନିଶ୍ଚିତ ଭାବରେ ଏକ ଉନ୍ନତମାନର ଶୈକ୍ଷିକ ପରିସର ଭାବରେ ସମଗ୍ର କଳାହାଣ୍ଡି ଜିଲାରେ ପ୍ରତିଷ୍ଠା ଅର୍ଜନ କରିଛି ବୋଲି କହିଛନ୍ତି ପ୍ରତିଷ୍ଠାତା ଓ ସମ୍ପାଦକ ମାଇକେଲ୍ ଜୋନ୍।

– ରିପୋର୍ଟ: ଉତ୍ତମ କୁମାର ଦାଶ



ସ୍ମୃତି



ଶୁଭମ୍

## ସ୍କୁଲର ଗୌରବ

୧) ସର୍ବଭାରତୀୟ ସ୍ତରର ପ୍ରବନ୍ଧ ଲିଖନ ପ୍ରତିଯୋଗିତା (ଇଣ୍ଡିଆନ ଟ୍ୟାଲେଣ୍ଟ, ମୁମ୍ବାଇ)ର ବିଜୟିନୀ
**ସ୍ମୃତି ପ୍ରଜ୍ଞାନ ଜାନୀ (ଚତୁର୍ଥ ଶ୍ରେଣୀ)**

୨) ଜାତୀୟ ସ୍ତରର ଚିତ୍ର ଶିଳ୍ପୀ
**ଶୁଭମ୍ ସାଗର (ଷଷ୍ଠ ଶ୍ରେଣୀ)**

୩) ଅନ୍ତର୍ଜାତୀୟ ସ୍ତରରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ବିଜେତା
**ସିଦ୍ଧି ବିନାୟକ ସାହୁ (ଦଶମ ଶ୍ରେଣୀ)**

୪) ବହୁ ପ୍ରତିଭାର ଅଧିକାରିଣୀ
**ଅଭିକା ଗୋୟଲ (ପଞ୍ଚମ ଶ୍ରେଣୀ)**

୫) ପ୍ରତିଶ୍ରୁତି ସମ୍ପନ୍ନ କଣ୍ଠଶିଳ୍ପୀ
**ଶିଖା ଶୁଭସ୍ମିତା (ଚତୁର୍ଥ ଶ୍ରେଣୀ)**



ସିଦ୍ଧି



ଅଭିକା



ଶିଖା



ଟ୍ରଫି ସହ ସ୍କୁଲ ଛାତ୍ରୀଛାତ୍ର।





ସ୍କୁଲ ପକ୍ଷରୁ ଆୟୋଜିତ ଷ୍ଟଡି ଟୁର ଅବସରରେ...।



ଛାତ୍ରମାନେ ସ୍ୱାଧୀନତା ଦିବସ ପରେଡ୍‌ରେ ଅଂଶଗ୍ରହଣ କରିଛନ୍ତି।



# ତୁମ ତୁଳୀରୁ




୧



୨





୩




୪




୫



୬



୭




୮





୯



୧୦




୧୧




୧୨



୧ ପ୍ରତ୍ୟୁଷା ସାମନ୍ତରାୟ, କ୍ଲାସ-୧୦, ଡି.ଏ.ଭି ପବ୍ଲିକ୍ ସ୍କୁଲ, ପୁରୀ

୨ ଚିତ୍ରାଙ୍ଗୀ ସାମଲ, କ୍ଲାସ-୯, ଶ୍ରୀ କଳିଙ୍ଗ ବୀଦ୍ୟାପୀଠ, ଉମରକୋଟ୍, ନବରଙ୍ଗପୁର



୩ ପ୍ରୀତିଦୀପ୍ସା ସାହୁ, କ୍ଲାସ-୧, ଆଇଟିବିପି ପବ୍ଲିକ୍ ସ୍କୁଲ୍, ତରତୁଆ, ଖୋର୍ଦ୍ଧା

୪ ଓମ୍ ଅଭିଷେକ ଦାସ, କ୍ଲାସ-୮, ଭାର୍ଗବୀ ହାଇସ୍କୁଲ, ଚନ୍ଦନପୁର, ପୁରୀ



୫ ଚନ୍ଦ୍ରାଦିତ୍ୟ ସାହୁ, କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡା

୬ ସମୀକ୍ଷା ମହାପାତ୍ର, କ୍ଲାସ-୨, ଭେଙ୍କେଟେଶ୍ୱର ସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର



୭ ନିଖିଲେଶ ମହାନ୍ତି, କ୍ଲାସ-୪, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ -୮, ନୟାପଲ୍ଲୀ, ଭୁବନେଶ୍ୱର

୮ ଉଷାଶ୍ରୀ ପ୍ରିୟଦର୍ଶିନୀ, କ୍ଲାସ-୩, ଓ.ଡି.ଏମ ପବ୍ଲିକ୍ ସ୍କୁଲ, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର



୯ ପ୍ରତୀକ୍ଷା ସାମନ୍ତରାୟ, କ୍ଲାସ-୬, ଡି.ଏ.ଭି ପବ୍ଲିକ୍ ସ୍କୁଲ, ପୁରୀ

୧୦ ତୁଷାର ମିଶ୍ର, କ୍ଲାସ-୪, ଗୌରୀଶଙ୍କର ଇଂଲିଶ୍ ମିଡିୟମ ସ୍କୁଲ, ଭୁବନେଶ୍ୱର



୧୧ ଭବାନୀ ଶଙ୍କର ମହାନ୍ତି, କ୍ଲାସ-୫, ମଡର୍ଣ୍ଣ ପବ୍ଲିକ୍ ସ୍କୁଲ, ବାଲେଶ୍ୱର

୧୨ ମନସ୍ୱିନୀ ସାହୁ, କ୍ଲାସ-୯, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



## କବିତା

### ସାକ୍ଷାତ ଦେବୀ

**ଗ**ର୍ଭେ ଧରିଥିଲ ଦଶମାସ ମୋତେ
ପାଳିଥିଲ ଯତନରେ
ସବୁ ଅଝଟକୁ ଆଖି ବୁଜିଦେଇ
ହସୁଥିଲ ଆନନ୍ଦରେ ।
ହାତଧରି ମୋର ଚାଲିଲ ମୋ ସାଥେ
ବର୍ଣ୍ଣବୋଧ ଶିଖାଇଲ
ରାଗିଲେ, କାନ୍ଦିଲେ ବୁଝାଇ ସ୍ନେହରେ
କେତେ ଗେଲ କରୁଥିଲ ।
ମମତା ପଣତେ ଢାଙ୍କିଦେଇ ମୋତେ
ବିପଦକୁ ଟାଳୁଥିଲ
କେତେ ମନ୍ଦିରରେ ଦୀପ ସଳିତାରେ
ଶୁଭ ମୋ ମନାସୁ ଥିଲ ।
ହେ ମାତୃ ଦିବସେ ମୋ ଅଭିନନ୍ଦନ
ସ୍ୱୀକାର କର ହେ ମା'
ମା' ନୁହେଁ ତୁମେ ସାକ୍ଷାତ ଦେବୀ
ମୋ ଜିଇଁ ରହିବାର ସାହା ।

**– ଅନନ୍ୟା ଅନୁଷ୍କା**
*କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର*
*ମୋ: ୯୪୩୭୪୮୬୬୮୦*

### ମା' କହୁଅଛି ଯାହା


**ମା'** କହୁଅଛି ଦୁଃଖ ସହୁଅଛି
ପୁଅଝିଅଙ୍କର ପାଇଁ
ପୁଅଝିଅ ମୋର ବୁଝେନି ଅନ୍ତର
ସମବେଦନା ବି ନାହିଁ ।
ମାଗିବା ଆଗରୁ ଆଶିଷ ଦିଏ ମୁଁ
ମାପିପାରେ ପିଲା ମନ
ପୁଅଝିଅଙ୍କର ମଙ୍ଗଳ ପାଇଁକି
ଦେଇଥାଏ ସଦା ଧ୍ୟାନ ।
ମାଟି ମା'ପରି ସବୁ ଅଳି ସହେ
ଉଦାର ଆକାଶ ପରି
ଏହି ମାତୃ ଜାତି ସହିପାରେ ଅତି
ସତ୍ୟ ଯୁଗ ଯୁଗ ଧରି ।
ମା'ର ବନ୍ଦନା କବି ଗାଏ ସିନା
ଗାଳ୍ପିକ ଲେଖଇ ଗପ,
ମା'ର ହୃଦୟ କେଉଁଥିରେ ରହେ
କରିହେବ ନାହିଁ ମାପ ।
ଆମେ ପିତାମାତା ଜୀବନ୍ତ ଦେବତା
ମା'ସରଗଠୁ ବଡ
ଆମରି ଆଶିଷେ ଗଢ଼ଇ ମଣିଷ
ଜିଣିପାରେ ଯିଏ ଗଡ ।
ଯିଏ ଜନ୍ମଦାତା
ହୁଏନି କୁମାତା ଅନ୍ତରୁ ଭକତି ଦିଅ
ମା' ମନ ଚିହ୍ନି ଯାତନା ଦିଅନି
ଭଗବାନ ହେବେ ଦୁଃଖୀ,
ମା'କୁ ମାନିଲେ ସନମାନ ଦେଲେ
ସଂସାରେ ହେବେ ସୁଖୀ ।

**– ନିରଞ୍ଜନ ପତି**
*ଗାନ୍ଧିନଗର, ଅନୁଗୋଳ*
*ମୋ:୯୯୩୮ ୧୩୩୫୫୯*

## କହିଲ ଦେଖି

ସକାଳରୁ ମୁଖ ପ୍ରଖାଳନଠାରୁ
ରାତିରେ ଶୋଇବା ଯାଏ
ଆମ ପାଇଁ ଅଟେ ଅତି ଦରକାରୀ
ତା ବିନା ଜିଇଁବ କିଏ ?

**ଉତ୍ତର: ଜଳ**



ଦିନ ଆଲୋକିତ ତାହାରି ପାଇଁ ତ
ନ ଥିଲେ ସେ ଅନ୍ଧକାର
ତା ବିନା ଏ ଧରା
ହୋଇବ ଶୀତଳ ହେବ ସବୁ ଛାରଖାର

**ଉତ୍ତର: ସୂର୍ଯ୍ୟ**




ବିନାପ୍ରତିବାଦେ ଯୋଗାଇ ଥାଏ ସେ
ଫୁଲ ଫଳ ଅମ୍ଳଜାନ
ଅଙ୍ଗେ ଅଙ୍ଗେ ଭରି
ଔଷଧ କେତେ ବଞ୍ଚାଏ ଆମ ଜୀବନ

**ଉତ୍ତର: ଗଛ**



ଚାରିଆଡେ ଅଛି ଦେଖାଯାଏ ନାହିଁ
କରିହୁଏ ଅନୁଭବ
ଧିରେ ଯେବେ ବହେ ମନ କିଣି ନିଏ
କେବେ କରେ ପୁଣି ତାଣ୍ଡବ


**ଉତ୍ତର: ପବନ**



**–ସରସ୍ୱତୀ ପଣ୍ଡା**
ଶ୍ରୀରାମପୁର,
ମଙ୍ଗଳପୁର,
ଯାଜପୁର

## ପାର୍ଥକ୍ୟ ଦର୍ଶାଅ





## ଏଥରର ପ୍ରଶ୍ନ



- ପୃଥିବୀର ବୃହତ୍ତମ ମହାଦେଶ କେଉଁଟି ?
- ପୃଥିବୀର କ୍ଷୁଦ୍ରତମ ମହାଦେଶ କିଏ ଜାଣନ୍ତି ?
- ପୃଥିବୀର ବୃହତ୍ତମ ମହାସାଗର କେଉଁଟି ?
- ପୃଥିବୀର କ୍ଷୁଦ୍ରତମ ମହାସାଗର କେଉଁଟି ?
- କେଉଁଟି ପୃଥିବୀର ବୃହତ୍ତମ ଦେଶ ?
- ପୃଥିବୀର ସବୁଠାରୁ କ୍ଷୁଦ୍ର ଦେଶର ନାମ କ'ଣ ?

## ଆରଥରର ଉତ୍ତର

- ଡଲାର
- ଜାପାନ
- ଟାକା
- ରୁପି
- ପାଉଣ୍ଡ

# ଜଣା ଅଜଣା



✲ 'ଆର୍କିଓପ୍ଟେରିକ୍ସ' ହେଉଛି ପୃଥିବୀର ସବୁଠାରୁ ପୁରାତନ ପକ୍ଷୀ ପ୍ରଜାତି। ଏହି ପକ୍ଷୀ ଡାଇନୋସର ଯୁଗରେ ଦେଖାଦେଉଥିଲେ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି।

✲ ୧୯୯୬ ମସିହାରେ ମହାକାଶରେ ପ୍ରଥମ ଆଳୁ ଗଛ ଲଗାଯାଇଥିଲା। କଲମ୍ବିଆ ସ୍ପେସ୍ ସଟଲ୍‌ରେ ଏହି ଆଳୁ ଗଛ ମହାକାଶକୁ ପଠାଯାଇଥିଲା।



✲ ସ୍ୱିଜରଲାଣ୍ଡର ଆଇନ ଅନୁଯାୟୀ ସେଠାକାର କୌଣସି ବ୍ୟକ୍ତି ଗୋଟିଏ ଗିନିପିଗ୍‌କୁ ପୋଷା ଜୀବ ଭାବେ ରଖିପାରିବେ ନାହିଁ। ଏଠାରେ ଗିନିପିଗ୍‌କୁ ଯୋଡା ଭାବରେ ହିଁ ପାଳିବାର ନିୟମ ରହିଛି।





✲ ଇଣ୍ଡୋନେସିଆର 'କୋମୋଡ' ଦ୍ୱୀପ ଅନୁଯାୟୀ ଏଠାକାର ସବୁଠାରୁ ବଡ଼ ଗୋଧି ପ୍ରଜାତିର ନାମ କମୋଡ ଡ୍ରାଗନ ରଖାଯାଇଛି।



✲ ମେକ୍ସିକୋରେ ଦେଖାଯାଉଥିବା 'ରୋଡ ରନର୍' ପକ୍ଷୀ ଉଡିବା ଅପେକ୍ଷା ମାଟିରେ ଦୌଡିବାକୁ ଭଲପାନ୍ତି। ଏମାନେ ଘଣ୍ଟାପ୍ରତି ୨୪ କିଲୋମିଟର ବେଗରେ ଦୌଡୁଥିବା ଦ୍ରୁତତମ ଉଡ଼ନ୍ତା ପକ୍ଷୀ।

# ଆଇନା



ଆଦି
୭ ବର୍ଷ



ଶ୍ରେୟାଶ୍ରୀ
୭ ବର୍ଷ



ସ୍ୱର୍ଣ୍ଣଲକ୍ଷ୍ମୀ
୮ ବର୍ଷ